ODM EDUCATIONAL GROUP
Changing your Tomorrow

# ତଟିନୀର ଖେଦ

କବି:ଡକ୍ଟର ମହେଶ୍ୱର ମହାନ୍ତି
ଶ୍ରେଣୀ:ସପ୍ତମ
ତୃତୀୟ ଦିନ

## SUB-CONCEPTS:ନଦୀର ଦୁଃଖ ଯନ୍ତ୍ରଣାର କଥା ।

## ପୂର୍ବପାଠ୍ୟର ଆଲୋଚନା:

- ଝର ଝର ହୋଇ କିଏ ଝରିଯାଏ ?
- ହରିତ କ୍ଷେତ କହିଲେ କ'ଣ ବୁଝ ?
- ମହୋଦଧିକୁ କିଏ କହିଲା ?

# କବିତା ଆଲୋଚନା:



ମୋ' ତୀରେ ଗଢି ଜଳ ତେଜି ଦୂଷିତ ଜଳ
କରିଛି ତନୁ ମୋର ଆବିଳ
ହରିଛି ସବୁ ଶୋଭା ଜନ ନୟନ ଲୋଭା
ଜୁର କରିଛି ରୂପ ଛବିଳ ।
ଭରୁଛି ଅକାତରେ ନିତି ମୋର ଗାତ୍ରେ
ଯାବତ ଆବର୍ଜନା ତାହାର
ଫୁଟେନି ପଦ୍ମ କଳି ଲୁଟେନି ମଧୁ ଅଳି
କରେ ମୁଁ ବିଷ ମାତ୍ର ଆହାର ।

କିଆ,କେତକୀ ବନ, ବେତସ କୁଞ୍ଜ ଘନ
ମୋ'ତୀରେ ଶୂନ୍ୟ ଆଜି ,ସିନ୍ଧୁ ଗୋ,
କାହିଁ ବିହଗ ଗାନ କୋକିଳ କୁହୁ ତାନ
ଯହୁଁ ଝରଇ ମଧୁ ବିନ୍ଦୁ ଗୋ ।

- ବାସ୍ତବିକ ମାନବ ଆଜି ଦାନବ ସାଜି ନଦୀର ଅମୃତ ଜଳରେ ଆବର୍ଜନା ଏବଂ ନର୍ଦ୍ଦମା ଜଳ ପକାଇ ତାକୁ ବିଷାକ୍ତ କରି ଚାଲିଛି । ନଦୀତୀରସ୍ଥ ପ୍ରାକୃତିକ ଶୋଭା ସମ୍ପଦ ଧ୍ୱଂସ କରି ଚାଲିଛି । ତଟ ଦେଶରେ ଛବିଳ ଶୋଭା ଆଜି ଆଉ ନାହିଁ । ଅବିବେକୀ ମଣିଷ ଅନ୍ଧ ଭାବରେ ଯାବତୀୟ ଅଳିଆ ଆବର୍ଜନା ନଦୀ ଗର୍ଭକୁ ଠେଲି ଦେଇ ଜଳ ପ୍ରଦୂଷଣ କରୁଛି ।

- ନଦୀତୀର ଓ ଉପତ୍ୟକାରେ ରହିଥିବା ଘନ ବନରାଜି ଆଜି ଆଉ ନାହିଁ । ନଦୀକୂଳର ତୋଟାମାଳରେ କୋଇଲିର କୁହୁ ତାନ କି ବିହଗକୁଳର କିଚିରି ମିଚିରି ବୃନ୍ଦଗାନ ଆଉ ଶୁଭୁନାହିଁ । ଘଞ୍ଚ ବେତବୁଦା,କିଆକେତକୀର ବଣଆଦିରେ ଯେଉଁ ତୀରଦେଶ ପରିପୂର୍ଣ୍ଣ ଥିଲା ତାହା ଆଜି ଆଉ ନାହିଁ ।

# କଠିନ ଶବ୍ଦର ଅର୍ଥ:

ତେଜି-ତ୍ୟାଗ କରି
ଜୁର-ନଷ୍ଟ କରିବା
ଗାତ୍ର-ଶରୀର
ବିହଗ-ପକ୍ଷୀ
ତନୁ-ଶରୀର
ଆବିଳ-ମଇଳା/ଗୋଳିଆ

ODM EDUCATIONAL GROUP
Changing your Tomorrow

## ବିପରୀତ ଶବ୍ଦ:

ପରିଷ୍କାର-ଅପରିଷ୍କାର
ରୂପ-ଅରୂପ
କାତ-ଅକାତ
ଦୂଷିତ-ବିଶୁଦ୍ଧ
ଆହାର-ଅନାହାର
ଅମୃତ-ବିଷ,ଗରଳ
ଜୟ-ପରାଜୟ

## ପ୍ରତିଶବ୍ଦ:

ନୟନ-ଚକ୍ଷୁ,ଆଖି
ଗିରି-ପର୍ବତ,ମହୀଧର
ବିହଗ-ଖଗ,ବିହଙ୍ଗମ

## ଗୃହକର୍ମ:

# ନଦୀ ମହୋଦଧିକୁ କ'ଣ କହିଲା ବୁଝାଇ ଲେଖ ।

THANKING YOU

ODM EDUCATIONAL GROUP